## ସଂକ୍ଷେପରେ

### ୭୦ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ



ଭୁବନ, ୧୯।୪(ଡି.ଏନ୍.ଏ.): ଢେଙ୍କାନାଳ ଜିଲ୍ଲା ଭୁବନସ୍ଥତ ବାଜି ରାଉତ ମହାବିଦ୍ୟାଳୟରେ ଗତ ୨ ତାରିଖରୁ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୭୦ ଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ଅମୃତା ଶାହା ପ୍ରଶିକ୍ଷଣ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ଅଧାପିକା ଅନ୍ନପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ କଲେଜ ଅଧକ୍ଷ ଅଜିତ୍ ବେହେରା, ସମ୍ମାନିତ ଅତିଥି ରାଜନୀତି ବିଜ୍ଞାନ ମୁଖ୍ୟ ହିମାଂଶୁ ଶେଖର ମିଶ୍ର, ଅଧାପକ ଅନିଲ ଧୀର ଉପସ୍ଥିତ ଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ବାଇକ୍ ଦୁର୍ଘଟଣା: ୨ ଗୁରୁତର

କାମାକ୍ଷାନଗର, ୧୯।୪(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମହୁଲପାଳ ବାଉଁଶକଣ ନିକଟରେ ମଙ୍ଗଳବାର ମଧାହ୍ନରେ ଏକ ବାଇକ୍ ଦୁର୍ଘଟଣା ଘଟି ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କାଦୁଆ ଗ୍ରାମର ରାଜେନ୍ଦ୍ର ଖଟୁଆ (୩୦) ଏବଂ ସୁରତ ପଧାନ (୨୫)। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁହେଁ ସାରୁଆଳି ଗ୍ରାମରୁ କାମସାରି ମହୁଲପାଳ ଆଡ଼କୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ବାଇକ୍‌ଟି ଡ୍ରେନ୍ ଭିତରେ ପଶିଯାଇଥିଲା।

### ଶାଗୁଆନ କାଠ ଜବତ, ଜଣେ ଗିରଫ



ରସୋଳ, ୧୯।୪(ଡି.ଏନ.ଏ.): ହିନ୍ଦୋଳ ରେଞ୍ଜ୍ ରାସୋଳ ସେକ୍ସନ ଅଧୀନ ଅଲାଁବେଡ଼ା ରାସ୍ତାରୁ ସୋମବାର ସନ୍ଧ୍ୟାରେ ବନ ବିଭାଗ ଚଢ଼ାଉ କରି ୬ ସିଏଫ୍‌ଟି ଶାଗୁଆନ କାଠ ଜବତ କରିଛି। ଏହି ଘଟଣାରେ ବାଲିକିଆରି ଗ୍ରାମର ବ୍ରହ୍ମାନନ୍ଦ ସାହୁଙ୍କୁ ଗିରଫ କରାଯାଇଛି। ବ୍ରହ୍ମାନନ୍ଦ କାଠ ଚୋରା ଚାଲାଣ କରୁଥିବା ସୂଚନା ପାଇ ଫରେଷ୍ଟର ସୁଦର୍ଶନ ଦେହୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଅତର୍କିତ ଚଢ଼ାଉ କରିଥିଲା।

### ହିଟାଚି, ୨ ଟ୍ରକ୍ ଜବତ

ଢେଙ୍କାନାଳ ଅଫିସ, ୧୯।୪: ଢେଙ୍କାନାଳ ଜିଲା ଗଁଦିଆ ତହସିଲ ନେଉଳପୋଇ ଅଞ୍ଚଳରେ ବେଆଇନ ଭାବେ ପଥର ଖାଦାନରେ ଖନନ କରୁଥିବା ବେଳେ ପ୍ରଶାସନ ଚଢ଼ାଉ କରି ଏକ ହିଟାଚି ମେଶିନ ଜବତ କରିଛି। ସେହିପରି ବାଲି ଚୋରା ଚାଲାଣ କରୁଥିବା ୨ଟି ଟ୍ରକ୍ (ନଂ. ଓଆର ୦୯ ଇ ୮୨୧୫ ଏବଂ ଓଆର ୦୯ ଜେ ୮୨୯୭) ମଧ ଧରାପଡ଼ିଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ସୋମବାର ରାତିରେ ଆଇଏଏସ୍ ପ୍ରୋବେଶନର ବିଭୂତି ଭୂଷଣ ନାୟକ ସଦଳବଳ ଚଢ଼ାଉ କରିଥିଲେ।

### ଯୁବତୀଙ୍କ ଆତ୍ମହତ୍ୟା

ଯୋଡ଼ା,୧୯।୪ (ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଆଜାଦବସ୍ତିରେ ମଙ୍ଗଳବାର ଜଣେ ଯୁବତୀ ଓଢଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ହେଲେ ରୀନା ମୁଣ୍ଡା। ତାଙ୍କ ଘର ଝାଡଖଣ୍ଡ ରାଜ୍ୟ ଚାଇଁବସାରେ କକଚ ଗ୍ରାମରେ। ସେ ମାସେ ହେଲା ତାଙ୍କ ମା'ଘର ଆଜାଦବସ୍ତିକୁ ବୁଲିବାକୁ ଆସିଥିଲା। ରୀନାଙ୍କ ମା' ଲକ୍ଷ୍ମୀ ଡାଙ୍ଗ ଦିନ ମଜୁରିଆ କାମ ସାରି ସନ୍ଧ୍ୟାରେ ଘରକୁ ଫେରିବା ପରେ ଘରେ ଝିଅର ଝୁଲନ୍ତା ମୃତଦେହ ଦେଖିଥିଲେ। ପରେ ପୋଲିସକୁ ଖବର ଦେଇଥିଲେ।। ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ ୧୫/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ମାଟି ପାଇଁ ଏକାଠି

■ଅଞ୍ଚଳର ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ବରିଷ୍ଠ ନାଗରିକ

■୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ହେଲା ମଞ୍ଚ

ରାସୋଳ, ୧୯।୪(ଡି.ଏନ୍.ଏ.)



ବୈଠକରେ ବରିଷ୍ଠ ନାଗରିକମାନେ।

କିଏ ଭୋକିଲା ନ ରହୁ। ଦୂରେଇ ନ ଯାଉ ଶୈଶବରେ ଶିକ୍ଷାର ସ୍ୱପ୍ନ। ପରିଣତ ବୟସରେ ପରିବାରରେ ଅବହେଳିତ ନ ହୁଅନ୍ତୁ ବୃଦ୍ଧାବୃଦ୍ଧ। ବୃଦ୍ଧାଶ୍ରମ ବଦଳରେ ଘରେ ମିଳୁ ସେମାନଙ୍କୁ ସେବାଯତ୍ନ। ମୌଳିକ ଅଧିକାରରୁ କେହି ବଞ୍ଚିତ ନ ହୁଅନ୍ତୁ। ପିଲାବେଳେ ଆଖିରେ ଉକୁଟୁଥିଲା ଏଭଳି ହଜାରେ ସ୍ୱପ୍ନ। ହେଲେ ପେଟପାଟଣା ଚିନ୍ତାରେ ବୃତ୍ତିଗତ କ୍ଷେତ୍ରକୁ ଓହ୍ଲାଇ ପରେ ସେସବୁ ରହିଯାଇଥିଲା ବହୁ ପଛରେ। ମାଟି ମା'ଠାରୁ ଦୂରେଇ ଯିବା ପରେ ଇଚ୍ଛା ଥିଲେ ବି ସ୍ୱପ୍ନକୁ ବାସ୍ତବ ରୂପ ଦେବାକୁ ମିଳୁ ନ ଥିଲା ସୁଯୋଗ। ଏବେ ବୟସ ବଢ଼ିଛି। କର୍ମକ୍ଷେତ୍ରରୁ ମିଳିଛି ବିରତି। ଅବସର ପରେ ନିଜ ଅଞ୍ଚଳ କଥା ବୁଝିବା ପାଇଁ ଏକାଠି ହୋଇଛନ୍ତି ବରିଷ୍ଠ ନାଗରିକ। ଆଗାମୀ ଦିନରେ ଏହାକୁ ଜନ ଆନ୍ଦୋଳନରେ ପରିଣତ କରିବା ଉଦ୍ଦେଶ୍ୟରେ ଗଠିତ ହୋଇଛି ହିନ୍ଦୋଳ ବରିଷ୍ଠ ନାଗରିକ ମଞ୍ଚ। ପ୍ରାଥମିକ ପର୍ଯ୍ୟାୟରେ ସଙ୍ଗଠନରେ ୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିବାବେଳେ ଆଗାମୀ ଦିନରେ ଏହାର କଳେବର ବୃଦ୍ଧି କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି।

ଢେଙ୍କାନାଳ ଜିଲାର ସର୍ବବୃହତ୍ତମ ବ୍ଲକ ହିନ୍ଦୋଳରେ ଅନେକ ସମସ୍ୟା। ଜନପ୍ରତିନିଧିଙ୍କ ଇଚ୍ଛା ଶକ୍ତିର ଅଭାବ, ପ୍ରଶାସନିକ ଉଦାସୀନତାରୁ ଯେତିକି ବେଗରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବା କଥା, ତାହା ହୋଇପାରୁନାହିଁ। ବାରମ୍ବାର ଦାବି ଆନ୍ଦୋଳନ ସତ୍ତ୍ୱେ ଉପାନ୍ତ ଅଞ୍ଚଳରେ ପହଞ୍ଚିପାରୁନାହିଁ ବିକାଶ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନକୁ ନେଇ ପୁଳାପୁଳା ସମସ୍ୟା। ତୃଣମୂଳସ୍ତରରୁ ଏହାର ସମାଧାନ କରିବା ଏବଂ ଅଞ୍ଚଳର କଳାସଂସ୍କୃତିର ସଂରକ୍ଷଣ କରିବା ଭଳି ମହତ୍ ଉଦ୍ଦେଶ୍ୟ ରଖି ଅଣ୍ଟା ଭିଡ଼ିଛନ୍ତି ବରିଷ୍ଠ ନାଗରିକ। ଏ ନେଇ ରାସୋଳ ପଞ୍ଚାୟତ ବାଙ୍କଟିଆ ଗଣେଶ୍ୱର କ୍ଲବ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକସ୍ତରରୁ ଆସିଥିବା ବରିଷ୍ଠ ନାଗରିକମାନେ ସୁଚିନ୍ତିତ ପ୍ରସ୍ତାବ ଦେଇଛନ୍ତି। ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ଗଠନମୂଳକ କାର୍ଯ୍ୟରେ ପ୍ରଶାସନକୁ ବିନା ସ୍ୱାର୍ଥରେ ସହଯୋଗ କରିବା, ଆବଶ୍ୟକସ୍ଥଳେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ମାର୍ଗଦର୍ଶନ କରାଇବା ଆଦି ବିଷୟରେ ଆଲୋଚନା କରାଯାଇଛି।

ଏହି ଅବସରରେ ଆସନ୍ତା ୨ବର୍ଷ ପାଇଁ ମଞ୍ଚର କର୍ମକର୍ତ୍ତା ଚୟନ କରାଯାଇଥିଲା। ସ୍ଥାୟୀ ସଭାପତି ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ସଭାପତି ଭାବେ ଶ୍ରୀନିବାସ ମିଶ୍ର, କାର୍ଯ୍ୟକାରୀ ସଭାପତି ଲଳିତମୋହନ ଧର, ଉପସଭାପତି ଛବିରାଜ ବିଶ୍ୱାଳ, ସମ୍ପାଦକ ରସାନନ୍ଦ ବେହେରା, କୋଷାଧକ୍ଷ ଭାବେ ବ୍ରହ୍ମାନନ୍ଦ ପ୍ରଧାନଙ୍କୁ ଚୟନ କରାଯାଇଛି। ସେହିପରି ଜୋନାଲ ସଭାପତି ପଦବୀରେ ବ୍ରଜକିଶୋର ମହାପାତ୍ର, ବିନୟ ସାମଲ, ପ୍ରଶାନ୍ତ ପତି, ତୁଷାରକାନ୍ତି ମିଶ୍ର ସ୍ଥାନ ପାଇଛନ୍ତି। ଅବସରପ୍ରାପ୍ତ ଜିଲାଜଜ୍ ଦୁର୍ଗାଚରଣ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଜେନା, ଡାକ୍ତର ଚୈତନ୍ୟ ସାହୁ, ଡାକ୍ତର ସୁଧାକର ପାଳ, ପୂର୍ବତନ କଲେଜ ଅଧକ୍ଷ ଶଙ୍କର ବିଜୟ ପାଳ, ଦଣ୍ଡଧର ପତି, ନନ୍ଦକିଶୋର ସାହୁ ପ୍ରମୁଖଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି।

### ହିନ୍ଦୋଳ ମାଟିର ବିକାଶ ଲାଗି ସଂକଳ୍ପବଦ୍ଧ



"ଗଠନମୂଳକ କାର୍ଯ୍ୟ କେବଳ ବନୀକରଣ କିମ୍ବା ସ୍ୱଚ୍ଛ ଭାରତ ଅଭିଯାନରେ ସୀମିତ ରହିବା ଅନୁଚିତ। ଅସହାୟ, ଅବହେଳିତ ଲୋକଙ୍କ ସମସ୍ୟା ବୁଝିବା, ସେମାନଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚାଇବା, ଭାଇଚାରା ଭାବନା ସୃଷ୍ଟି କରିବା, ସର୍ବୋପରି ହିନ୍ଦୋଳ ମାଟିର ଉନ୍ନତି ଲାଗି ସଂକଳ୍ପବଦ୍ଧ ହେବା ଭଳି ଏକାଧିକ ମୌଳିକ ଲକ୍ଷ୍ୟ ନେଇ ଏଭଳି ଏକ ମଞ୍ଚ ଗଠନ କରାଯାଇଛି।

-ଶ୍ରୀନିବାସ ମିଶ୍ର, ସଭାପତି

### ଅବହେଳିତ ବୃଦ୍ଧାବୃଦ୍ଧଙ୍କୁ ଅଗ୍ରାଧିକାର ଦିଆଯିବ



"ମଞ୍ଚରେ ବିଭିନ୍ନ ବର୍ଗର ବହୁ ବରିଷ୍ଠ ନାଗରିକ ଜଡ଼ିତ ହୋଇଛନ୍ତି। ଚାଷୀ, ଶ୍ରମଜୀବୀ, ସରକାରୀ କର୍ମଚାରୀ, ବେସରକାରୀ କର୍ମଚାରୀମାନଙ୍କୁ ଏଥିରେ ସାମିଲ କରାଯାଇଛି। ପ୍ରତି କ୍ଷେତ୍ରରୁ ବୟୋଜ୍ୟେଷ୍ଠ ବ୍ୟକ୍ତି ଥିବାରୁ ସମସ୍ୟା ସମାଧାନ କରିବା ସୁବିଧା ହେବ। ସରକାରୀ ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ। ବିଶେଷକରି ଅବହେଳିତ ବୃଦ୍ଧାବୃଦ୍ଧଙ୍କୁ ଅଗ୍ରାଧିକାର ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି।

ରସାନନ୍ଦ ବେହେରା, ସମ୍ପାଦକ

### ୪୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଢେଙ୍କାନାଳ ଅଫିସ,୧୯।୪

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ଆୟୁଷ୍ମାନ ଭାରତ ପକ୍ଷରୁ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୁଧୀର ସାମଲ, ଜିଲାପାଳ ସରୋଜ ସେଠୀ, ପଞ୍ଚାୟତ ସମିତି ଅଧକ୍ଷା ରାଜଶ୍ରୀ ନାୟକ, ଜିଲା ପରିଷଦ ସଭ୍ୟା ଝରସ୍ମିତା ଦେହୁରୀ, ସରପଞ୍ଚ ଅରୁଣ ପରିଡ଼ା, ବିଡିଓ ସୁଧୀର ନାୟକ, ସିଡିଏମ୍‌ଓ ଡା. ଅଶୋକ ଦାସ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଆଖପାଖ ଅଞ୍ଚଳର ୪୦୦ରୁ ଅଧିକ ରୋଗୀ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇଥିଲେ। ୨୧ଜଣଙ୍କ ସ୍ୱାସ୍ଥ୍ୟ ପରିଚୟପତ୍ର ପଞ୍ଜୀକରଣ ହୋଇଥିବାବେଳେ ରକ୍ତଦାନ ଶିବିରରେ ୧୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବେଲଟିକିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶେଖ୍ ଗୁଲ୍‌ଜାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଓଡ଼ାପଡ଼ା ବ୍ଲକ ଘଟିପିରି ଉଚ୍ଚ ବିଦ୍ୟାଳୟରେ ମଧ୍ୟ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ମହାନ୍ତି, ଉପାଧକ୍ଷ ଅମିତାଭ ସ୍ୱାଇଁ, ସରପଞ୍ଚ ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଭତ୍ତା ଦେଲେ ଭୋକ ଯିବ'

■ ବିଧବା ସୁନାଦିଙ୍କୁ ପ୍ରଶାସନର ଅବହେଳା

■୫କେଜି ଚାଉଳରେ ସୀମିତ ସହାୟତା

କାମାକ୍ଷାନଗର, ୧୯।୪(ଡି.ଏନ୍.ଏ.)



ଦିଆଯାଉଛି ନାରୀ ସଶକ୍ତୀକରଣର ସ୍ଲୋଗାନ୍। ସାମାଜିକ ସଶକ୍ତୀକରଣ ଯୋଜନାରେ ଯେମିତି ଜଣେ କେହି ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡ଼ିବେ, ସେଥିଲାଗି ସରକାରୀସ୍ତରରେ ଗୁରୁତ୍ୱ ଦିଆଯାଉଥିବା କୁହାଯାଉଛି। ହେଲେ ତୃଣମୂଳସ୍ତରରେ ପରିସ୍ଥିତି ଭିନ୍ନ। ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତାରୁ ଯୋଗ୍ୟତା ଥାଇ ଭତ୍ତାରୁ ବଞ୍ଚିତ ହେଉଛନ୍ତି ଅନେକ ବୃଦ୍ଧା, ବୃଦ୍ଧ ଏବଂ ବିଧବା। ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ପଙ୍ଗାତୀରା ପଞ୍ଚାୟତର ଅନ୍ଧାରୀ ଗ୍ରାମର ସୁନାଦି ପଧାନଙ୍କ କ୍ଷେତ୍ରରେ ଘଟିଛି ସମାନ ଘଟଣା। ସ୍ୱାମୀଙ୍କ ମୃତ୍ୟୁକୁ ୪ବର୍ଷ ବିତିଯାଇଥିଲେ ମଧ ଏଯାଏ ତାଙ୍କ ଭାଗ୍ୟରେ ଜୁଟିନି ବିଧବା ଭତ୍ତା। ମାତ୍ର ୫ କେ.ଜି. ଚାଉଳ ଦେଇ ପ୍ରଶାସନ ଦାୟିତ୍ୱ ସାରି ଦେଇଥିବାବେଳେ ଭୋକଓପାସରେ ରହିବାକୁ ବାଧ ହେଉଛନ୍ତି ସୁନାଦି। ସରକାର ଭତ୍ତା ଦେଲେ ଭୋକ ଯିବ ବୋଲି ସେ କୋହଭରା କଣ୍ଠରେ କହିଛନ୍ତି।

୩ ଝିଅଙ୍କ ବିବାହ ଏବଂ ୪ବର୍ଷ ତଳେ ସ୍ୱାମୀ ଅରକ୍ଷିତ ପଧାନଙ୍କ ମୃତ୍ୟୁ ପରେ ଏକା ଏକା ବିତୁଛି ବୃଦ୍ଧା ସୁନାଦିଙ୍କ ଦିନ। ସରକାର ଦେଉଥିବା ମାତ୍ର ୫ କିଲୋ ଚାଉଳ ତାଙ୍କର ସମ୍ବଳ। ସେଥିରେ ମାସର ଅଧାଦିନ ଯେନତେଣ ଚଳିଯାଉଛି। ହେଲେ ଅବଶିଷ୍ଟ ଦିନଗୁଡ଼ିକ ବେଶ୍ କଷ୍ଟକର ହୋଇପଡୁଛି ତାଙ୍କ ପାଇଁ। ଏଭଳି ସ୍ଥିତିରେ ବୟସର ସାୟାହ୍ନରେ ତାଙ୍କୁ ମୂଲ ଲାଗିବାକୁ ପଡୁଛି। ଗରିବୀର ପରିହାସ ଭିତରେ ପ୍ରଶାସନର ଉଦାସୀନତା ତାଙ୍କ ଦୁଃଖକୁ ବହୁଗୁଣିତ କରିଦେଉଥିବାବେଳେ ଭଙ୍ଗା ଦଦରା ଛପର ଘରେ ଭାଗ୍ୟକୁ ଆଦରି ପଡ଼ିଛନ୍ତି ସେ। ସୁନାଦିଙ୍କ ଦୁର୍ଦ୍ଦିନ ସମ୍ପର୍କରେ ସୂଚନା ପାଇ ସାମାଜିକ କର୍ମୀ ତଥା ଭାରତୀୟ ମାନବାଧିକାର ପରିଷଦର କାର୍ଯ୍ୟରତ ସଭାପତି ଦୁଃଖବନ୍ଧୁ ବିଶ୍ୱାଳ ଘରେ ପହଞ୍ଚି ତାଙ୍କୁ ସହାୟତା କରିଥିଲେ। ଅସହାୟ ସୁନାଦିଙ୍କୁ ଆବାସ ଯୋଜନା ସାମିଲ କରିବା, ବିଧବା ଭତ୍ତା ପ୍ରଦାନ ଏବଂ ଅନ୍ତ୍ୟୋଦୟ ଅର୍ଣ୍ଣପୂର୍ଣ୍ଣା ଯୋଜନାରେ ଅନ୍ତର୍ଭୁକ୍ତ କରାଇବାକୁ ସେ ଦାବି କରିଛନ୍ତି।

### ଟ୍ରକ୍ ଧକ୍କାରେ ଜଣେ ମୃତ, ଉତ୍ତେଜନା

ଢେଙ୍କାନାଳ ଅଫିସ, ୧୯।୪

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଦେଓପଡ଼ା ଶିବମନ୍ଦିର ନିକଟରେ ମଙ୍ଗଳବାର ଏକ ପଥର ବୋଝେଇ ଟ୍ରକ ଧକ୍କାରେ ବାଇକ୍ ଆରୋହୀ ଯଦୁମଣି ପ୍ରଧାନଙ୍କ ମୃତ୍ୟୁ ଘଟିଛି। କଟକ ଜିଲା ନରସିଂହପୁର ଅଞ୍ଚଳର ଯଦୁମଣି ବାଇକ୍‌ରେ ମାଣିପୁର ଗ୍ରାମସ୍ଥିତ ତାଙ୍କ ଝିଅ ଘରକୁ ଯାଉଥିବାବେଳେ ଆଠଗଡ଼ ଆଡ଼କୁ ଯାଉଥିବା ଉକ୍ତ ପଥର ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିଛି। ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ସଦର ଥାନା ଓ ଗୋବିନ୍ଦପୁର ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ କରିବା ଲାଗି ପଠାଯାଇଥିଲା। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୧୮୮/୨୨ରେ ଏକ ମାମଲା ରୁଜୁ କରାଯାଇଛି।

# କାମ ନ କରି ବିଲ୍

କାମାକ୍ଷାନଗର, ୧୯।୪(ଡି.ଏନ୍.ଏ.)

■ସ୍କୁଲ ପଡ଼ିଆ ଉନ୍ନତୀକରଣରେ ଦୁର୍ନୀତି ଅଭିଯୋଗ

■ବିନା ଫଳକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଦଶୀପୁର ପଞ୍ଚାୟତ ଗୁରୁଜାଙ୍ଗୁଲି ଗ୍ରାମସ୍ଥିତ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଉନ୍ନତୀକରଣରେ ଦୁର୍ନୀତି ଅଭିଯୋଗ ଆସିଛି। ବିନା ସୂଚନା ଫଳକରେ କାମ ନ କରି ବିଲ୍ କରାଯାଇଛି। ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଏକଥା ସ୍ୱୀକାର କରିବା ପରେ ଏଥିରେ ବଡ଼ଧରଣର ଅନିୟମିତା ହୋଇଥିବା ଆଶଙ୍କା ଦୃଢ଼ୀଭୂତ ହୋଇଛି।

ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟକୁ '୫-ଟି' ଅନ୍ତର୍ଭୁକ୍ତ କରାଯାଇଛି। ସ୍କୁଲର ଖେଳପଡ଼ିଆର ଉନ୍ନତୀକରଣ ଲାଗି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ଆରମ୍ଭ ପୂର୍ବରୁ ଲୋକମାନଙ୍କ ଅବଗତି ନିମନ୍ତେ ସୂଚନା ଫଳକ ନିର୍ମାଣ କରାଯିବା କଥା। ଏଥିରେ ମୋଟ ଅଟକଳ, କେଉଁ ବାବଦରେ କେତେ ଅର୍ଥ ମଞ୍ଜୁର ହୋଇଛି ତାହାର ବିବରଣୀ ସ୍ପଷ୍ଟ ଭାବେ ଦର୍ଶାଯିବା ଜରୁରୀ। ତେବେ ଏଠାରେ ଏହି ନିୟମକୁ ବିଭାଗୀୟ ଅଧିକାରୀ 'ଫୁ' କରିଦେଇଛନ୍ତି। ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, (୨୪୦୭୦୦୫୦୦୭/ଏଭି/ ୧୦୪୮୬୯୯୮) ମଷ୍ଟର ରୋଲ୍ ନଂ. ୨୬୮୬୩ ଅନୁଯାୟୀ ୭,୫୨୫ ଟଙ୍କାର ବିଲ୍ କରାଯାଇଛି। ହେଲେ ଅଦ୍ୟାବଧି କାମ ଆରମ୍ଭ ହୋଇନାହିଁ। କେତେଜଣ ଶ୍ରମିକଙ୍କ ନାମରେ ଏହି ଟଙ୍କା ବିଲ୍ କରାଯାଇଛି। '୫-ଟି' ବ୍ୟବସ୍ଥାରେ ସ୍ୱଚ୍ଛତା ରକ୍ଷାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଖେଳପଡ଼ିଆ ଉନ୍ନତିକରଣ ନାମରେ ଏଭଳି ଅନିୟମିତତା ପଦାକୁ ଆସିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଖେଳପଡ଼ିଆ କାମ ଆରମ୍ଭ ନ ହୋଇ ବିଲ୍ କରାଯାଇଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି ଜିଆର୍‌ଏସ୍ ଦୀପୁନ ନାଏକ। ସେ ସ୍ପଷ୍ଟୀକରଣ ଦେଇ କହିଛନ୍ତି, କାମ ହୋଇନାହିଁ। କାମ ଆରମ୍ଭ କରିବା ପାଇଁ ଅଗ୍ରିମ ଅର୍ଥ ଦିଆଯାଇଛି। କନିଷ୍ଠ ଯନ୍ତ୍ରୀ ପ୍ରଦୀପ ମଲ୍ଲିକଙ୍କ ସହିତ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ବିଡିଓ ବୁଲ୍‌ବୁଲ୍ ବେହେରା କୁହନ୍ତି, ଏ ସମ୍ପର୍କରେ ସେ ଜାଣିନାହାନ୍ତି। ବୁଝିବା ପରେ ମତାମତ ଦେବେ।

# ୫ ପ୍ରକଳ୍ପ ଲୋକାର୍ପିତ

ପରଜଙ୍ଗ, ୧୯।୪(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମାଣିକମରା ପଞ୍ଚାୟତରେ ମଙ୍ଗଳବାର ୫ଟି ଜନହିତକର ପ୍ରକଳ୍ପ ଲୋକାର୍ପିତ ହୋଇଛି। ବିଧାୟକ ଡା. ନୃସିଂହ ଚରଣ ସାହୁ ଉପସ୍ଥିତ ରହି ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ସରକିଶୋରପାଳ କୁମ୍ଭାରସାହି କମ୍ୟୁନିଟି ସେଣ୍ଟର, ଅଙ୍ଗନୱାଡ଼ି କେନ୍ଦ୍ର, ମାଣିକମରା ଗୋଡ଼ିଡ଼ିପ ଦଳିତ ସାହି ଗୋଷ୍ଠୀକେନ୍ଦ୍ର, କାଦପଡ଼ା ବଜରଙ୍ଗୀ କମ୍ୟୁନିଟି ସେଣ୍ଟର ଏବଂ ପଥରଗଡ଼ ଯାତ୍ରୀ ବିଶ୍ରାମଗାର ରହିଛି।

ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରୁନୁ ବର୍ମା, ସରପଞ୍ଚ ନର୍ମଦା ନାଏକ, ସମିତିସଭ୍ୟା ରୁନୁ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ପ୍ରଦୀପ ସାହୁ, ଜମ୍ବେଶ୍ୱର ବର୍ମା, ନିର୍ମାଣ ଶ୍ରମିକ ସଙ୍ଗଠନ ସଭାପତି ଦିଲୀପ ବର୍ମା, ଜିଲା ଯୁବ ବିଜେଡି ସମ୍ପାଦକ ପ୍ରେମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ମାର୍କେଟ୍ କମ୍ପ୍ଲେକ୍ସ ଶଟର ଉଠୁନି

ଢେଙ୍କାନାଳ ଅଫିସ, ୧୯।୪

■ ଲୋକାର୍ପଣର ୫ମାସ ପରେ ହେଉନି କାର୍ଯ୍ୟକ୍ଷମ

■୫୮ଲକ୍ଷର କୋଠା ପାଲଟିଛି ଅସାମାଜିକଙ୍କ ଆଡ୍ଡା ସ୍ଥଳ

■ଆରମ୍ଭ ହେଉନି ୨୦ଲକ୍ଷର ଭେଣ୍ଡିଂଜୋନ୍

ନୂଆ ରଙ୍ଗରେ ଦାଉଦାଉ ହୋଇ ଝଲସୁଛି କୋଠା। ଶୋଭା ବଢ଼ାଉଛି ଆକର୍ଷଣୀୟ ଟାଇଲ୍ ବିଛା ଚଟାଣ ସାଙ୍ଗକୁ ଷ୍ଟିଲ୍ ରେଲିଂ। ଗ୍ରାହକ, ବ୍ୟବସାୟୀଙ୍କ ପାଇଁ ରହିଛି ଅତ୍ୟାଧୁନିକ ସୁବିଧା। ହେଲେ ନା ଦୋକାନୀ ଅଛନ୍ତି ନା ଆସୁଛନ୍ତି ଉପଭୋକ୍ତା। ସବୁ ଦୋକାନ ଘରେ ପଡ଼ିଛି ଶଟର। ଝୁଲୁଛି ତାଲା। ଢେଙ୍କାନାଳ ପୌରସଂସ୍ଥାର ଦୂରଦୃଷ୍ଟି ଅଭାବରୁ ୫୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସରେ ମାଛି ଉଡୁଛି। ସେହିପରି ରାସ୍ତାପାର୍ଶ୍ୱ ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଭେଣ୍ଡିଂ ଜୋନ୍ ନିର୍ମାଣକୁ ୩ବର୍ଷ ବିତିଥିବାବେଳେ ଏହା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରୁନାହିଁ। କରୋନା, ପୌର ନିର୍ବାଚନକୁ ଆଳ ଦେଖାଇ ପ୍ରଶାସନିକ ଅଧିକାରୀମାନେ ଦାୟିତ୍ୱରୁ ମୁହଁ ଫେରାଇ ନେଉଥିବାବେଳେ ଯେଉଁ ଉଦ୍ଦେଶ୍ୟ ରଖି ସରକାର ଏହି ବହୁମୁଖୀ ପ୍ରକଳ୍ପ ନିର୍ମାଣ କରିଥିଲେ, ତାହାର ବାସ୍ତବ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ।



ରଥଗଡାରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ।

ଢେଙ୍କାନାଳ ପୌରାଞ୍ଚଳର ବ୍ୟବସାୟୀଙ୍କୁ ସୁବିଧାରେ ବ୍ୟବସାୟ ପାଇଁ ରଥଗଡ଼ାଠାରେ ନିର୍ମିତ ହୋଇଛି ଦୁଇମହଲା ବିଶିଷ୍ଟ ମାର୍କେଟ୍ କମ୍ପ୍ଲେକ୍ସ। ଉକ୍ତ କୋଠାରେ ମୋଟ ୧୬ଟି ଦୋକାନ ରହିଛି। ଗତବର୍ଷ ନଭେମ୍ବର ୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଢେଙ୍କାନାଳ ଗସ୍ତ ସମୟରେ ଏହାକୁ ଲୋକାର୍ପଣ କରିଥିଲେ। ଉଦ୍‌ଘାଟନକୁ ୫ମାସ ବିତିବା ପରେ ଦୋକାନଗୃହ ଆବଣ୍ଟନ ହୋଇପାରିଲାନାହିଁ। ଫଳରେ ୫୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବହୁମୁଖୀ ମାର୍କେଟ୍ ଅସାମାଜିକଙ୍କ ଆଡ୍ଡାସ୍ଥଳି ପାଲଟିଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ପୌରସଂସ୍ଥା ପକ୍ଷରୁ ୨୦ଲକ୍ଷ ଟଙ୍କା ବ୍ୟୟରେ ବାଜିଚୌକସ୍ଥିତ ୧୪ନଂ. ୱାର୍ଡରେ ୩୦ ଦୋକାନ ଗୃହ ବିଶିଷ୍ଟ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଥିଲା। ରାସ୍ତା ପାର୍ଶ୍ୱରେ ବସି ବ୍ୟବସାୟ କରୁଥିବା ଉଠାଦୋକାନୀଙ୍କୁ ସେଠାରେ ଥଇଥାନ କରିବାକୁ ଲକ୍ଷ୍ୟ ରଖିଥିଲା ପୌରସଂସ୍ଥା। ନିର୍ମାଣକୁ ୩ବର୍ଷ ବିତିଥିବାବେଳେ ଦୋକାନ ଘର ଶଟର ଖୋଲୁନାହିଁ। ଫଳରେ ଭେଣ୍ଡିଂଜୋନ୍ ପରିସର ଯାନବାହାନ ପାର୍କିଂସ୍ଥଳ ପାଲଟିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ପାରିବା ପ୍ରଶାସନର ବିଫଳତା ବୋଲି ଆଲୋଚନା ହେଉଛି। ଅନ୍ୟପଟେ ବୁଧବାର ପୌର ପରିଷଦର ପ୍ରଥମ କାଉନସିଲ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ଏ ସଂକ୍ରାନ୍ତରେ ଆଲୋଚନା ହେବାର ସମ୍ଭାବନା ରହିଛି।




ମାର୍କେଟ କମ୍ପ୍ଲେକ୍ସ ଏବଂ ଭେଣ୍ଡିଂ ଜୋନ୍ କାର୍ଯ୍ୟକ୍ଷମ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ବୁଧବାର କାଉନ୍‌ସିଲ ବୈଠକ ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହି ସେ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

## ସଂକ୍ଷେପରେ

### ୨ ବାଲ୍ୟ ବିବାହ ରୋକିଲା ଚାଇଲ୍ଡ ଲାଇନ୍



ଅନୁଗୋଳ ଅଫିସ,୧୯।୪: ଅନୁଗୋଳ ଚାଇଲ୍ଡ ଲାଇନ ପକ୍ଷରୁ ୨ ବାଲ୍ୟ ବିବାହ ରୋକାଯାଇଛି। ପ୍ରକାଶ ଯେ, ଛେଣ୍ଡିପଦା ବ୍ଲକ ଜରପଡା ଥାନା ଅଞ୍ଚଳରେ ୧୭ ବର୍ଷୀୟା ନାବାଳିକାଙ୍କ ବିବାହ ଆସନ୍ତା ୨୫ ତାରିଖରେ ହେବାକୁ ଥିବାବେଳେ ଖବରପାଇ ଚାଇଲ୍ଡ ଲାଇନ କର୍ମକର୍ତ୍ତା ଲକ୍ଷ୍ମୀ ବେହେରା, ରାମଚନ୍ଦ୍ର ସାହୁ, ଅଙ୍ଗନୱାଡି ସୁପରଭାଇଜର୍ ସ୍ନେହପ୍ରଭା ମହାନ୍ତି ଓ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ପହଞ୍ଚି ସ୍ଥିତି ତଦାରଖ କରିଥିଲେ। ପରିବାର ଲୋକେ ନାବାଳିକାଙ୍କ ମାଟ୍ରିକ ସାର୍ଟିଫିକେଟରେ ସଂଶୋଧନ କରି ଝିଅକୁ ୧୮ ବର୍ଷ ହୋଇଛି ବୋଲି ଭୁଲ ପ୍ରମାଣପତ୍ର ଦେଇଥିଲେ। କିନ୍ତୁ ଯାଞ୍ଚରେ ଭୁଲ ପ୍ରମାଣପତ୍ର ଦେଇଥିବା ଜଣା ପଡିଥିଲା। ଏହାପରେ ଟିମ୍ ସମ୍ପୃକ୍ତ ପରିବାରକୁ ବୁଝାଇ ବାଲ୍ୟବିବାହ ରୋକିବାରେ ସଫଳ ହୋଇଥିଲା। ସେହିପରି ବଣ୍ଟଁରପାଳ ବ୍ଲକ ଅନ୍ତର୍ଗତ ନାଲ୍କୋ ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଜନୈକା ୧୫ ବର୍ଷୀୟା ନାବାଳିକାଙ୍କ ବିବାହ ମଙ୍ଗଳବାର ହେଉଥିବା ଖବରପାଇ ଚାଇଲ୍ଡଲାଇନ କର୍ମକର୍ତ୍ତା ରୋଜାଲିନ ଦାସ, ରାମଚନ୍ଦ୍ର ସାହୁ, ବଣ୍ଟଁରପାଳ ସିଡିପିଓ ଲିଲି ଦାସ, ସଞ୍ଜୟ କୁମାର ସ୍ୱାଇଁ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ପହଞ୍ଚି ବାଲ୍ୟବିବାହ ରୋକିଥିଲେ।

### ନିଆଁଲିଭା କୌଶଳ ଶିଖିଲେ ଛାତ୍ରୀଛାତ୍ର

ମାଧପୁର,୧୯।୪: ଆଠମଲ୍ଲିକ ଅଗ୍ନିଶମ ବିଭାଗ ତରଫରୁ ସ୍ଥାନୀୟ ବରଗାଁ ବିଦ୍ୟାଳୟ ଠାରେ ଛାତ୍ରୀଛାତ୍ରମାନଙ୍କୁ ନିଆଁ ଲିଭା କୌଶଳ ପ୍ରଶିକ୍ଷଣ ଦିଆଯାଇଛି। ଆଠମଲ୍ଲିକ ଅଗ୍ନିଶମ ବିଭାଗ ଅଧିକାରୀ ଅରୁଣ କୁମାର ନାଏକଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର କର୍ମଚାରୀ ନିଆଁ ଲିଭାଇବା ପାଇଁ ବିଭିନ୍ନ କୌଶଳ ଶିକ୍ଷାଇଥିଲେ। ଗ୍ୟାସ, ଚୁଲା, ପେଟ୍ରୋଲ, ଡିଜେଲ ଦ୍ୱାରା ଲାଗୁଥିବା ନିଆଁକୁ ତତ୍କ୍ଷଣାତ କିଭଳି ଆୟତ୍ତ କରାଯାଇପାରିବ ସେ ବିଷୟରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପ୍ରଶିକ୍ଷଣ ଦେଇଥିଲେ। ଗ୍ରୀଷ୍ମ ଋତୁରେ ନିଆଁ ଲାଗିବାର ସମ୍ଭାବନା ଅଧିକ ଥିବାବେଳେ ଏହି କୌଶଳ ପ୍ରଶିକ୍ଷଣ ଦ୍ୱାରା ଛାତ୍ରୀଛାତ୍ର ଓ ଅଭିଭାବକମାନେ ସଚେତନ ହୋଇପାରିବେ ବୋଲି ଅଗ୍ନିଶମ ବିଭାଗ ତରଫରୁ ସୂଚନା ଦିଆଯାଇଥିଲା। ପ୍ରଶିକ୍ଷଣ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବ୍ରତ ମହାକୁଡ଼ଙ୍କ ସହ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ସୈନ୍ୟବାହିନୀରେ ହାବିଲଦାର ନିଯୁକ୍ତି ସୂଚନା

ଅନୁଗୋଳ ଅଫିସ,୧୯।୪: ଯୋଗ୍ୟ ଖେଳାଳିଙ୍କ ନିମନ୍ତେ ସୈନ୍ୟବାହିନୀରେ ହାବିଲଦାର ନିଯୁକ୍ତି ସୁଯୋଗ ରହିଛି। ଏ ସମ୍ପର୍କରେ ସମ୍ବଲପୁରସ୍ଥିତ ସୈନ୍ୟବାହିନୀ ନିଯୁକ୍ତି ଅଧିକାରୀ ସୂଚନା ଦେଇଛନ୍ତି। ହାବିଲଦାର ନିଯୁକ୍ତି ନିମନ୍ତେ ପ୍ରାର୍ଥୀଙ୍କ ବୟସ ୧୭ ବର୍ଷ ୬ ମାସ ରୁ ୨୨ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଶାରୀରିକ ଯୋଗ୍ୟତା ସୈନ୍ୟବାହିନୀ ନିଯୁକ୍ତି ପାଇଁ ମଧ ଥିବା ଦରକାର। ହାବିଲଦାର ନିଯୁକ୍ତି ନିମନ୍ତେ ଯୋଗ୍ୟ ଖେଳାଳିଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ବା ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ ରାଜ୍ୟ, ଜାତୀୟ ଅବା ଅନ୍ତର୍ଜାତୀୟ ସ୍ତରରେ ପଦକ ବିଜେତା ହୋଇଥିବା କିମ୍ବା ଭାଗ ନେଇଥିବା ଆବଶ୍ୟକ। ଖେଲୋ ଇଣ୍ଡିଆ ଖେଳ ଏବଂ ଯୌଥ ଖେଳ ବା ଉପରିସ୍ଥ ଯୋଗ୍ୟତା ଅନୁଯାୟୀ ପଦକ ବିଜେତା ହୋଇଥିବା ଜରୁରୀ। ଏହି ଚୟନ ପ୍ରକ୍ରିୟା ନିମନ୍ତେ ପ୍ରାର୍ଥୀ ତାଙ୍କର ପ୍ରମାଣ ପତ୍ର ମହାସଂଘ ଠାରୁ ସଂଗ୍ରହ କରିଥିବା ଆବଶ୍ୟକ ବୋଲି ସୈନ୍ୟବାହିନୀ ପକ୍ଷରୁ କୁହାଯାଇଛି।

# ଚାହିଦା ଅନୁଯାୟୀ ହେଉନି ଯୋଗାଣ

- ନାଲ୍କୋରେ କୋଇଲା ସଙ୍କଟ ଗୁରୁତର
- ଷ୍ଟକ୍‌ୟାର୍ଡରେ ରହିଛି ମାତ୍ର ଦେଢ଼ଲକ୍ଷ ଟନ୍
- ସିପିପିରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ

ବଣ୍ଟଁରପାଳ,୧୯।୪(ଡି.ଏନ.ଏ.)



ନାଲ୍କୋ କୋଇଲା ଷ୍ଟକ୍‌ୟାର୍ଡ ଖାଲି ପଡ଼ିଛି।

ନାଲ୍କୋର କୋଇଲା ଚାହିଦା ପୂରଣ କରିପାରୁନି ଏମ୍‌ସିଏଲ୍। ଚୁକ୍ତି ଅନୁଯାୟୀ ପ୍ଲାଣ୍ଟରେ କୋଇଲା ପହଞ୍ଚୁ ନ ଥିବାରୁ ନାଲ୍କୋ ଷ୍ଟକ୍‌ୟାର୍ଡ ଖାଲି ହେବାରେ ଲାଗିଛି। ଏପରି କି ୫ ଲକ୍ଷ ଟନ୍ ଗଚ୍ଛିତ ରହିବା ସ୍ଥାନରେ ମାତ୍ର ଦେଢ଼ଲକ୍ଷ ଟନ୍ ରହିଥିବା ସୂଚନା ମିଳିଛି। ଏପରି ଅଭାବ ଲାଗି ରହିଥିବାରୁ ନାଲ୍କୋରେ କୋଇଲା ସଙ୍କଟ ଗୁରୁତର ହୋଇପଡ଼ିଛି। ଏପରି କି ସିପିପିରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ଶ୍ରମିକନେତାମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ କୋଇଲା ସଙ୍କଟ ଦୂର କରିବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, ୨୦୧୮ ଏପ୍ରିଲରୁ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ନାଲ୍କୋକୁ ଆବଶ୍ୟକ କୋଇଲା ଯୋଗାଣ ନେଇ ନାଲ୍କୋ ଓ ଏମ୍‌ସିଏଲ୍ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା। ତଦନୁଯାୟୀ ବର୍ଷକୁ ୪୭ ଲକ୍ଷ ୧୬ ହଜାର ମେଟ୍ରିକ ଟନ୍ ଲିଙ୍କେଜ ଓ ୯ ଲକ୍ଷ ମେଟ୍ରିକ ଟନ୍ ବ୍ରିଜ୍ ଲିଙ୍କେଜ କୋଇଲା ଏମ୍‌ସିଏଲ୍ ଯୋଗାଇ ଦେବା କଥା। କିନ୍ତୁ ୨୦୨୧-୨୨ ଆର୍ଥିକ ବର୍ଷରେ ଏମ୍‌ସିଏଲ୍ ୩୯ଲକ୍ଷ ମେଟ୍ରିକ୍ ଟନ୍ ଲିଙ୍କେଜ କୋଇଲା ଓ ୩ ଲକ୍ଷ ମେଟ୍ରିକ୍ ଟନ୍ ବ୍ରିଜ୍ ଲିଙ୍କେଜ କୋଇଲା ଯୋଗାଣ କରିପାରିଥିଲା। ଫଳରେ ନିର୍ଦ୍ଧାରିତ ପରିମାଣର ବିଦ୍ୟୁତ୍ ଉତ୍ପାଦନ ହୋଇ ନ ପାରିବାରୁ ନାଲ୍କୋ ବାଧ ହୋଇ ଜୁଲାଇ ୨୦୨୧ରୁ ମାର୍ଚ୍ଚ ୨୦୨୨ ମଧ୍ୟରେ ଦୈନିକ ୨୦୦ ମେଗାୱାଟ ଲେଖାଏ ବିଦ୍ୟୁତ୍ କ୍ରୟ କରିଥିଲା। ପ୍ରତିବର୍ଷ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ଷ୍ଟକ୍‌ୟାର୍ଡରେ ୫ଲକ୍ଷ ଟନ୍‌ରୁ ଅଧିକ କୋଇଲା ଗଚ୍ଛିତ ରହିବାର ବ୍ୟବସ୍ଥା ଥିବାବେଳେ ଏହି ସମୟରେ ୩ ଲକ୍ଷ ଟନ୍ କୋଇଲା ଥିଲା। ପରବର୍ତ୍ତୀ ସମୟରେ ନିରନ୍ତର କୋଇଲା ଯୋଗାଣ ନ ହେବାରୁ ଏହା ବର୍ତ୍ତମାନ ଦେଢ଼ଲକ୍ଷ ଟନ୍‌କୁ ଖସି ଆସିଛି। ସେଥିରୁ ୪୦ ହଜାର ଟନ୍ ସମ୍ପୂର୍ଣ୍ଣ ଅନୁପଯୋଗୀ କାର୍ପେଟ୍ କୋଇଲା ରହିଛି। ନିରନ୍ତର ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ନାଲ୍କୋ ଦୈନିକ ୧୮ ରୁ ୧୯ ହଜାର ଟନ୍ କୋଇଲା ଆବଶ୍ୟକ କରୁଛି। ଏଥିସହିତ ବର୍ଷା ଦିନ ପୂର୍ବରୁ ଅଧିକରୁ ଅଧିକ ଷ୍ଟକ୍ କରିବା ଜରୁରୀ ହୋଇପଡ଼ିଛି। କିନ୍ତୁ ଏମ୍‌ସିଏଲ୍ ହାରାହାରି ଦୈନିକ ୧୩ରୁ ୧୪ ହଜାର ଟନ୍ କୋଇଲା ଯୋଗାଣ କରୁଛି। ଏହାଦ୍ୱାରା ନାଲ୍କୋରେ ଗଚ୍ଛିତ ଥିବା କୋଇଲା ହ୍ରାସ ପାଉଛି। ଏବେ ପ୍ରତିଦିନ ଟ୍ରକ୍ ଯୋଗେ ୩ ରୁ ୪ ହଜାର ଟନ୍ ଅକ୍ସନ୍ କୋଲ ଆସୁଥିବାବେଳେ ଡ୍ରାଇଭର ମହାସଂଘ ଧର୍ମଘଟ ଯୋଗୁ ଦୁଇ ଦିନ ହେଲା ପରିବହନ ବନ୍ଦ ରହିଛି। ଏହା ପରିସ୍ଥିତିକୁ ଅଧିକ ବିଷମ କରିଛି। ଏ ସମ୍ପର୍କରେ ନାଲ୍କୋର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ତ୍ତମାନ କୋଇଲା ଅଭାବ ଲାଗିରହିଛି। ଏଥିଯୋଗୁ ସିପିପିରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଯେତିକି ଗଚ୍ଛିତ ରହିଛି ସେଥିରେ ପ୍ଲାଣ୍ଟ ଚଳାଇବାରେ ଅସୁବିଧା ସୃଷ୍ଟି ହେଉଛି।

**ଘରୋଇକରଣ ମସୁଧା**



"୨୦୨୧-୨୨ ବର୍ଷରେ ଏମ୍‌ସିଏଲ୍ ସର୍ବାଧିକ ରେକର୍ଡ ୧୬୩ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିଥିବାବେଳେ ଚୁକ୍ତି ଅନୁଯାୟୀ ନାଲ୍କୋକୁ କୋଇଲା ଯୋଗାଣ ନ କରିବା ଉଦ୍‌ବେଗଜନକ। ରେଲୱେ ମଧ ୧୪୦ କୋଲ୍ ରେକ୍ ଯୋଗାଇବା କଥା। ନାଲ୍କୋକୁ ରୁଗ୍ଣ ସହ ଘରୋଇକରଣ କରିବା ପାଇଁ ମସୁଧା ହେଉଥିବା ଏଥିରୁ ବୁଝାପଡୁଛି।

-ବିଭବ ଜେନା, ଶ୍ରମିକ ନେତା

**କେନ୍ଦ୍ର ସରକାର ଦୃଷ୍ଟି ଦିଅନ୍ତୁ**



"ନାଲ୍କୋକୁ ବର୍ତ୍ତମାନ ଆବଶ୍ୟକ ମୁତାବକ କୋଇଲା ଯୋଗାଣ ହେଉନାହିଁ। ଫଳରେ ସିପିପି ପ୍ଲାଣ୍ଟରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଉଛି। ଏପରି ସଙ୍କଟ ସମୟରେ କେନ୍ଦ୍ର ସରକାର ପ୍ଲାଣ୍ଟ ପ୍ରତି ଦୃଷ୍ଟି ଦେବା ଦରକାର।

-ରତ୍ନାକର ପରିଡା, ସାଧାରଣ ସମ୍ପାଦକ, ଏନ୍‌ଏନ୍‌ଇୟୁ

**ପଟ୍‌ଲାଇନ ପ୍ରଭାବିତ ହେଉଛି**



"ନାଲ୍କୋରେ କୋଇଲା ସଙ୍କଟ ଦେଖାଦେଇଛି। ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣର କୋଇଲା କମ୍ପାନୀକୁ ଆସିପାରୁନାହିଁ। ଏହି କାରଣରୁ ନିର୍ଦ୍ଧାରିତ ପରିମାଣର ବିଦ୍ୟୁତ୍ ଉତ୍ପାଦନ ହୋଇପାରୁନାହିଁ। ଏହାର ପ୍ରଭାବ ସ୍ମେଲ୍ଟର ପ୍ଲାଣ୍ଟର ପଟ୍ ଲାଇନ ଉପରେ ପଡୁଛି।

-ବିନୋଦ ସାମଲ, ସାଧାରଣ ସମ୍ପାଦକ, ଏଏମ୍‌ଏସ୍

## ମହିଳା, ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୯।୪(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ମହିଳା ଓ ଯୁବକଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ବଡବର ଗ୍ରାମର ସାବିତ୍ରୀ ଦାସଙ୍କୁ ତାଙ୍କ ସ୍ୱାମୀ କିରଟି ଦାସ ମାଡ଼ ମାରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୦୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସାବିତ୍ରୀ ଏବଂ କିରଟିଙ୍କ ମଧ୍ୟରେ କିଛିଦିନ ହେବ ପାରିବାରିକ କଳହକୁ ନେଇ ଗଣ୍ଡଗୋଳ ଲାଗି ରହିଛି। ସୋମବାର ରାତିରେ କିରଟି ତାଙ୍କୁ ବିନାକାରଣରେ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି ରାଣୀବନ୍ଧ ଗ୍ରାମର ସୁଶାନ୍ତ ଶତପଥୀଙ୍କୁ ସେହି ଗ୍ରାମର ସଞ୍ଜୟ ନାହାକ ମାଡ଼ ମାରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୧୦୩/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସୁଶାନ୍ତ ଟ୍ରାକ୍ଟର ଯୋଗେ ଇଟା ତାଙ୍କ ଘରକୁ ନେଉଥିବାବେଳେ ସଞ୍ଜୟଙ୍କ ଜାଗାରେ ଟ୍ରାକ୍ଟର ଯିବା ଯୋଗୁ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ପରେ ଏହାକୁ ନେଇ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ରାସ୍ତା ଅବରୋଧ କଲେ ଡ୍ରାଇଭର

ବଇଣ୍ଡା,୧୯।୪(ଡି.ଏନ.ଏ.)

ଦାବି ପୂରଣ ନେଇ ଆନ୍ଦୋଳନ ଚଳାଇଥିବା ଡ୍ରାଇଭରମାନେ ମଙ୍ଗଳବାର ତାତି ଉଠିଛନ୍ତି। ସୋମବାର ରାଜ୍ୟ ଡ୍ରାଇଭର ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ଆନ୍ଦୋଳନ କରାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ମଙ୍ଗଳବାର ସେମାନେ ଆସି ନିଜ ନିଜ ଅଞ୍ଚଳରେ ଆନ୍ଦୋଳନ ଚଳାଇଛନ୍ତି। କିଶୋରନଗର ବ୍ଲକ ବଇସିଣାଠାରେ କଟରଙ୍ଗା ଡ୍ରାଇଭର ସଂଘ ପକ୍ଷରୁ କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡିମୋଟର ଅଟକି ରହିଥିଲା। ହଣ୍ଡପା ପୋଲିସ ପହଞ୍ଚି ସେମାନଙ୍କୁ ରାସ୍ତା ଅବରୋଧରୁ ହଟାଇଥିଲା। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ନାକିରୋଡ ପେଡିପଥରଠାରେ ଉଭୟ ପଞ୍ଚାୟତ ଡ୍ରାଇଭର ସଂଘ ପକ୍ଷରୁ ବଇଣ୍ଡା -ଆଠମଲ୍ଲିକ ପୂର୍ତ୍ତ ରାସ୍ତାକୁ ଅବରୋଧ କରାଯାଇଥିଲା। ଏଥିସହ ପାଇକସାହିଠାରେ ମଧ ଠାକୁରଗଡ଼-ଅନୁଗୋଳ ରାସ୍ତା ଅବରୋଧ କରାଯାଇଥିଲା। ପେଡିପଥରଠାରେ ପ୍ରତିବାଦ ସଭା କରାଯାଇଥିଲା। ସମସ୍ୟା ସମାଧାନ କରା ନ ଗଲେ ଆଗାମୀଦିନରେ ବଡଧରଣର ଆନ୍ଦୋଳନ କରାଯିବ ବୋଲି ଡ୍ରାଇଭର ସଂଘ ସଦସ୍ୟ ଭୁବନ କୁମାର ଜେନା, ଅନ୍ତର୍ଯ୍ୟାମୀ ସାହୁ, ପ୍ରତାପଚନ୍ଦ୍ର ବେହେରା, ହୃଷୀକେଶ ନାୟକ, ବିଭୂତି ଭୂଷଣ ସାହୁ, ପ୍ରଭାତ ପ୍ରଧାନ, ସୁଶାନ୍ତ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।



ଡ୍ରାଇଭର ସଂଘ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

## ସଂକୀର୍ତ୍ତନରେ ଦୁଲୁକିଲା ଟାକୁଆ

କଣିହାଁ,୧୯।୪(ଡି.ଏନ.ଏ.)

କଣିହାଁ ବ୍ଲକ ଟାକୁଆ ଗ୍ରାମ ଟିକିରା ନଦୀକୂଳ ପଶ୍ଚିମେଶ୍ୱର ଶୈବପୀଠ ପଡ଼ିଆରେ ସୋମବାର ଶ୍ରୀଜଗନ୍ନାଥ ଓଡ଼ିଶୀ ସଂକୀର୍ତ୍ତନ କଳା ପରିଷଦ କଣିହାଁ ମଣ୍ଡଳ ତରଫରୁ ଦ୍ୱାଦଶତମ ବାର୍ଷିକ ଉତ୍ସବରେ ଓଡ଼ିଶୀ ସମାରୋହ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ କଳସ ଯାତ୍ରା ଓ ଯଜ୍ଞକର୍ମ ହୋଇଥିଲା। ଏଥିରେ ୭୨ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ନାମ ପରିବେଷଣ କରିଥିଲେ। ଫଳରେ ଟାକୁଆ ଗ୍ରାମ ଦୁଲୁକି ଉଠିଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲାପରିଷଦ ଉପସଭାପତି ରଶ୍ମିତା ସେଠୀ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସରପଞ୍ଚ ରଞ୍ଜିତା ବେହେରା, ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ନବଘନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦସେବନ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ବସନ୍ତ ସାହୁ କାର୍ଯ୍ୟ ତୁଲାଇ ଥିଲେ। ସଂକୀର୍ତ୍ତନ କଳାପରିଷଦ କାର୍ଯ୍ୟକର୍ତ୍ତା ମାୟାଧର ସାମଲ, ଗଦାଧର ପ୍ରଧାନ, ଦୟାନିଧି ପ୍ରଧାନ, ସୁଜନ ସାହୁ, ଇନ୍ଦ୍ରମଣି ପ୍ରଧାନ ସହଯୋଗ କରିଥିଲେ।



ନାମସଂକୀର୍ତ୍ତନ ପରିବେଷଣ କରାଯାଉଛି।

## ସରପଞ୍ଚ, ସମିତିସଭ୍ୟଙ୍କୁ ସମ୍ବର୍ଦ୍ଧନା

ଛେଣ୍ଡିପଦା,୧୯।୪(ସ୍ୱ.ପ୍ର.)



ଅନୁଗୋଳ ଜିଲା ଛେଣ୍ଡିପଦା ଡାକବଙ୍ଗଳାଠାରେ ବିଜୁଜନତା ଦଳ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ଆଶିଷ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ସମର୍ଥିତ ଜିଲାପରିଷଦ, ସମିତି ସଭ୍ୟ ଓ ସରପଞ୍ଚମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏଥିସହିତ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇ ଏକ ଆଦର୍ଶ ପଞ୍ଚାୟତ ଗଢିତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସଭାରେ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଭାନୁପ୍ରିୟା ପ୍ରଧାନ, ନଗେନ ପ୍ରଧାନ, ସରପଞ୍ଚ ଉଦିତ ପ୍ରଧାନ, ଗିରିଶ ଚନ୍ଦ୍ର ପ୍ରଧାନ, ଜନ୍ମେଜୟ ମାଝି, ବାବୁଲି ପ୍ରଧାନ, ମନୋଜ ସେଠୀ, ଅମରେଶ ନାଥଙ୍କ ସମେତ ୩୪ରୁ ଊର୍ଦ୍ଧ୍ୱ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଯୋଗ ଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭାକୁ ବ୍ଲକ ବିଜେଡି ସଭାପତି ଶରତ କୁମାର ଗଡନାୟକ ପରିଚାଳନା କରିଥିବାବେଳେ ଜିଲା ଯୁବ ଉପସଭାପତି ସତ୍ୟବ୍ରତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୨ରେ ମାଳ୍ୟଗିରି ମହୋତ୍ସବ

**ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ**

ଖମାର,୧୯।୪(ଡି.ଏନ.ଏ.)



ମହୋତ୍ସବ ପ୍ରସ୍ତୁତି ସମ୍ପର୍କରେ ବିଧାୟକ ଓ ଅନ୍ୟ ଅଧିକାରୀମାନେ ସୂଚନା ଦେଉଛନ୍ତି।

ପାଲଲହଡ଼ା ଉପଖଣ୍ଡରେ ୨୨ ତାରିଖରେ ହେବାକୁ ଥିବା ମାଳ୍ୟଗିରି ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ପାଲଲହଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମହୋତ୍ସବର ଅଧ୍ୟକ୍ଷ ତଥା ବିଧାୟକ ମୁକେଶ ପାଳ ଖବରଦାତାମାନଙ୍କୁ ଏ ନେଇ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ ଆବାହକ ଉପଜିଲାପାଳ ଅଜିତ କୁମାର ପ୍ରଧାନ, ତହସିଲଦାର ଲମ୍ବୋଦର ମାରାଣ୍ଡି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ନବକିଶୋର ନାଏକ ଏବଂ କୋଷାଧ୍ୟକ୍ଷ ଜଳଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, ଆସନ୍ତା ୨୦ ତାରିଖ ସକାଳ ସାଢେ ୬ଟାରେ ଉପଖଣ୍ଡର ୬ଗୋଟି ସ୍ଥାନରୁ ମଶାଲ ଶୋଭାଯାତ୍ରା ବାହାରିବ। ଖୁଲୁଡ଼ି ଗିରିଶ୍ୱର ମନ୍ଦିର, ରଜଡ଼ଙ୍ଗ ଶିବମନ୍ଦିର, ମଗରମୁହାଣ, ପବିତ୍ରପୁର, ମାଳ୍ୟଗିରି ପାହାଡର ଶିଖର ମଠରୁ ମଶାଲ ଅଣାଯାଇ ଜଗନ୍ନାଥ ମନ୍ଦିରରେ ୨୨ ତାରିଖ ପର୍ଯ୍ୟନ୍ତ ରଖାଯିବ। ୨୨ ତାରିଖ ଅପରାହ୍ନ ୪ଟାରେ ଜଗନ୍ନାଥ ମନ୍ଦିରରୁ ମଶାଲକୁ ଶୋଭାଯାତ୍ରାରେ ମା' କୁଣ୍ଡେଇବିରାଙ୍କ ନିକଟକୁ ନିଆଯାଇ ପୂଜାର୍ଚ୍ଚନା କରାଯିବ। ପରେ ଷ୍ଟାଡିୟମକୁ ନିଆଯାଇ ମହୋତ୍ସବକୁ ଉଦ୍‌ଘାଟନ କରାଯିବ। ସନ୍ଧ୍ୟା ୭ଟାରେ ମହୋତ୍ସବ କମିଟି ଅଧ୍ୟକ୍ଷ ମୁକେଶ କୁମାର ପାଳଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ଏହାକୁ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମନୋରଞ୍ଜନ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ୨୩ ତାରିଖରେ ଯୋଡିଶଙ୍ଖ ଓ ଘୁମୁରା ନୃତ୍ୟ, ୨୪ ତାରିଖରେ ସମ୍ବଲପୁରୀ, ପାଇକ ଆଖଡ଼ା ପରିବେଷଣ କରାଯିବ। ପ୍ରତ୍ୟେକ ଦିନ ଜିଲାସ୍ତରୀୟ ୩ଗୋଟି ଲୋକକଳା ଏବଂ ଉପଖଣ୍ଡ ଭିତରୁ ୭ଗୋଟି ଦଳ କଳା ପ୍ରଦର୍ଶନ କରିବେ। ସେହିପରି ଓଲିଉଡ୍ ଗାୟକ ଅଭିଜିତ ମଜୁମଦାର ମଧ ଯୋଗଦେଇ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ରହିଛି। ୨୩ ତାରିଖରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ, ୨୪ ତାରିଖରେ ମୁଖ୍ୟ ଅତିଥି ଭାବେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ତାଳଚେର ଓ ଛେଣ୍ଡିପଦା ବିଧାୟକ ଯୋଗଦେବେ ବୋଲି ସ୍ଥିର ହୋଇଛି। ପଲ୍ଲିଶ୍ରୀ ମେଳା ସହ ମିନାବଜାର ଖୋଲାଯିବା ବୋଲି ମହୋତ୍ସବ କମିଟି ଅଧ୍ୟକ୍ଷ ପାଳ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ଇଲେକ୍ଟ୍ରି କେବୁଲରେ ନିଆଁ

ଅନୁଗୋଳ ଅଫିସ,୧୯।୪- ଅନୁଗୋଳ ଥାନା ଅମଲାପଡ଼ା ୫ମ ଲେନ୍‌ସ୍ଥିତ ଏକ ଇଲେକ୍ଟ୍ରି ଖୁଣ୍ଟରେ ଥିବା କେବୁଲରେ ଲାଗିଥିବା ନିଆଁ ଲିଭାଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ଖବରପାଇ ଅନୁଗୋଳ ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା ତାହା ଜଣାପଡ଼ି ନ ଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

### ନିଆଁ ଲଗାଇ ଜଣେ ଗିରଫ



କଣିହାଁ,୧୯।୪(ଡି.ଏନ.ଏ.): କଣିହାଁ ବ୍ଲକ ଅଞ୍ଚଳରେ କେନ୍ଦୁପତ୍ର ଉତ୍ପାଦନ ପାଇଁ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ମଙ୍ଗଳବାର ବନ ବିଭାଗ କର୍ମଚାରୀ ସାପକଟା ଗ୍ରାମର ଗୋଲେଖ ନାୟକଙ୍କୁ ଗିରଫ କରିଛନ୍ତି। ସେ କେନ୍ଦୁପତ୍ର ବିଭାଗରେ ଚପରାସୀ ଭାବେ କାର୍ଯ୍ୟ କରୁଛନ୍ତି। ସେ ଜଙ୍ଗଲରେ ନିଆଁ ଲଗାଉଥିବାବେଳେ ବନବିଭାଗ ହାତରେ ଧରାପଡ଼ିଥିଲେ। ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ ସୂଚନା ଦେଇଛନ୍ତି।

### ଅମାନ୍ତପୁରରେ ମା' ମଙ୍ଗଳା ଯାତ୍ରା



ବଅଁରପାଳ,୧୯।୪(ଡି.ଏନ.ଏ.): ବଅଁରପାଳ ବ୍ଲକ ଅମାନ୍ତପୁର ଗ୍ରାମରେ ମା' ମଙ୍ଗଳାଙ୍କ ଯାତ୍ରା ପାଳିତ ହୋଇଛି। ଅପରାହ୍ନରେ ଦେବୀଙ୍କ ଆଲମକୁ ଶୋଭାଯାତ୍ରାରେ ବଳରାମପ୍ରସାଦସ୍ଥିତ ଦିଅଁ ଘରୁ ଯାତ୍ରା ପୀଠସ୍ଥଳକୁ ଅଣାଯାଇଥିଲା। ପାଇକ ଖେଳ, ଲଉଡି ଖେଳ, ଡିଜେ, ଘୋଡା ନାଚ, ଘଣ୍ଟ ବାଦ୍ୟରେ ଗ୍ରାମ ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ମାଜଣା ପର୍ବ ସହ ବଡ଼ପୂଜା ସମ୍ପନ୍ନ ହୋଇଥିଲା। ଯାତ୍ରା କମିଟିର ରଣରେଶ ଚନ୍ଦ୍ର ସାହୁ, ରଞ୍ଜନ ରାଉତ, ରଞ୍ଜନ ସାହୁ, ଶ୍ରୀଧର ସାହୁ, କନ୍ଦର୍ପ ବେହେରା, ଦୀପକ ସାହୁ, ଦୁଷ୍ମନ୍ତ ଦାସ ପରିଚାଳନା କରିଥିଲେ।

### ଦଣ୍ଡନୃତ୍ୟ ପ୍ରତିଯୋଗିତା

ବଅଁରପାଳ,୧୯।୪(ଡି.ଏନ.ଏ.): ବଅଁରପାଳ ବ୍ଲକ କୁଲାଡ଼ ହରିଜନ ସାହିରେ ଦଣ୍ଡ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରନ୍ତେଲେଇ ଓ ବାଲିନାଳୀ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଉଭୟ ଦଳର କଳାକାର ଭଲ କଳା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ହରମୋହନ ସାହୁ, ପ୍ରହ୍ଲାଦ ସାହୁ, ଅଶୋକ ବିଶୋଇ ପ୍ରମୁଖ ଯୋଗ ଦେଇଥିଲେ। ରନ୍ତେଲେଇ ଦଳକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ମା' ମଙ୍ଗଳା ପୂଜା କମିଟି ସଭାପତି ମୁନା ଗୋଛାୟତ, ସମ୍ପାଦକ ଅଜିତ ଗୋଛାୟତ, ପ୍ରଦୀପ ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ।



# ଭାଙ୍ଗିଦେଲେ, ଗଢୁନାହାନ୍ତି

■ରାଜପଥ ସମ୍ପ୍ରସାରଣ ପାଇଁ ଉଚ୍ଛେଦ ହୋଇଛି ବହୁ ସରକାରୀ କାର୍ଯ୍ୟାଳୟ
■ଶିକ୍ଷାନୁଷ୍ଠାନ ଭଙ୍ଗାଯାଇଥିବାରୁ ବିପଦସଙ୍କୁଳ ଗୃହରେ ବସୁଛନ୍ତି ଛାତ୍ରୀଛାତ୍ର
■ଜମି ଅଭାବ ଦର୍ଶାଉଛି ପ୍ରଶାସନ, ବଇଣ୍ଡାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ବଇଣ୍ଡା,୧୯।୪ (ପରିକ୍ଷିତ ସାହୁ)

ରାଜପଥ ସମ୍ପ୍ରସାରଣ ନିମନ୍ତେ ୪ ବର୍ଷ ତଳୁ ଭଙ୍ଗାଯାଇଛି ରାଜ୍ୟ ସରକାରଙ୍କ ଏକାଧିକ କାର୍ଯ୍ୟାଳୟ। ଏପରି କି ଶିକ୍ଷାନୁଷ୍ଠାନ ମଧ୍ୟ ଏହି ଉଚ୍ଛେଦରୁ ବାଦ୍ ପଡ଼ିନାହିଁ। ନୂତନ ସ୍ଥାନରେ ଏସବୁ ଅଫିସ କୋଠା ଗଢ଼ାଯିବାର ଥିଲେ ହେଁ ଦୀର୍ଘବର୍ଷ ମଧ୍ୟରେ ତାହା ହୋଇପାରି ନାହିଁ। ଜାଗା ଅଭାବ ଥିବା ପ୍ରଶାସନ ସଫେଇ ଦେଉଥିଲେ ହେଁ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ବଇଣ୍ଡା ଅଞ୍ଚଳବାସୀ। ପ୍ରଶାସନର ଏପରି ବିଫଳତା ଯୋଗୁ ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଗୃହରେ ବସି ପଢୁଥିବାବେଳେ ଜନସାଧାରଣ ସେମାନଙ୍କ ଆପତ୍ତି, ଅଭିଯୋଗ ଓ ସମସ୍ୟାର ସମାଧାନ ପାଇଁ ଆଉ କେତେ ବର୍ଷ ଅପେକ୍ଷା କରିବେ ବୋଲି ପ୍ରଶ୍ନ କରିଛନ୍ତି।

ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ବ୍ଲକ ଜାମୁନାଳୀଠାରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ସରିଯାଇଛି। ୨୦୧୮ ମସିହା ମେ ୧୭ ତାରିଖରେ ବଇଣ୍ଡା ଛକରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହି ସମୟରେ ବଇଣ୍ଡା ଠାରେ ଥିବା ରାଜସ୍ୱ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ପୂର୍ତ୍ତ ବିଭାଗ ବଙ୍ଗଳା, କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ, ନୁନୁକାପଶି ପଞ୍ଚାୟତର ରାଜୀବ ସେବାକେନ୍ଦ୍ର, ବଇଣ୍ଡା ଫାଣ୍ଡି, ବଇଣ୍ଡା କଲେଜ, ବଇଣ୍ଡା ଛକ ଯାତ୍ରୀ ବିଶ୍ରାମାଗାରକୁ ଭାଙ୍ଗି ଦିଆଯାଇଥିଲା। ଇତିମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏସବୁ ସରକାରୀ କାର୍ଯ୍ୟାଳୟ ପୁନଃ ନିର୍ମାଣ ଦିଗରେ ପ୍ରଶାସନ କିମ୍ବା ଠିକାସଂସ୍ଥା ଗୁରୁତ୍ୱ ଦେଉ ନ ଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବଇଣ୍ଡା ରାଜସ୍ୱ କାର୍ଯ୍ୟାଳୟର ନୂତନ କୋଠା ତିଆରି ୨୦୨୦ ମସିହାରୁ ଆରମ୍ଭ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଏକ ଭଡ଼ା ଘରେ ତାହା ଚାଲୁଛି। ସେହିପରି ବିଦ୍ୟାଳୟ କୋଠା ନିର୍ମାଣ ହେଉ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଅବସ୍ଥାରେ ଥିବା ଗୃହ ବାରଣ୍ଡାରେ ବସି ପଢିବାକୁ ବାଧ ହେଉଛନ୍ତି। ପୂର୍ତ୍ତ ଡାକବଙ୍ଗଳା ନିର୍ମାଣ ହେଉ ନ ଥିବାରୁ ଅତିଥିମାନେ ବାମୁର ବଙ୍ଗଳା ଉପରେ ନିର୍ଭର କରୁଛନ୍ତି। ପ୍ରାଣୀ ଚିକିତ୍ସାଳୟ କୋଠା ତିଆରି ହେଉ ନ ଥିବାରୁ ନୁନୁକାପଶି ପଞ୍ଚାୟତବାସୀ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ପାଇଁ ୭ କିଲୋମିଟର ଦୂର ହଣ୍ଡପା ପ୍ରାଣୀ ଚିକିତ୍ସାଳୟକୁ ଯାଉଛନ୍ତି। ରାଜୀବ ଭବନ, ଫାଣ୍ଡି, ଯାତ୍ରୀ ବିଶ୍ରାମାଗାର ଆଦି ତିଆରି ପାଇଁ ଏଯାଏ ଜମି ଚିହ୍ନଟ ହୋଇପାରିନାହିଁ। ଏହି ସମସ୍ତ ସରକାରୀ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ବଇଣ୍ଡା ଗ୍ରାମବାସୀ ୧୨ ମେ ୨୦୧୯, ୨୫ ମାର୍ଚ୍ଚ ୨୦୨୦ ଓ ୩୦ ଜୁଲାଇ ୨୦୨୧ରେ ମୁଖ୍ୟମନ୍ତ୍ରୀ, ଅନୁଗୋଳ ଜିଲାପାଳ, ଉପଜିଲାପାଳ, ତହସିଲଦାର, ଆଠମଲ୍ଲିକ ବିଧାୟକ, ସମ୍ବଲପୁର ଏମ୍‌ପିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଅପରପକ୍ଷରେ ବଇଣ୍ଡା ଅଞ୍ଚଳରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମି ଦଖଲ କରିଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ବହୁ ସରକାରୀ ଚାକିରିଆ ରାଜସ୍ୱ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତକରି ସରକାରୀ ଜମିରେ କୋଠା ନିର୍ମାଣ କରଛନ୍ତି। ଏପରିସ୍ଥଳେ ସରକାରୀ କାର୍ଯ୍ୟାଳୟକୁ ଜମି ଯୋଗାଇ ଦେବାରେ ସମସ୍ୟା କୁହାଯିବା ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।



ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଥିବା ବଇଣ୍ଡା ରାଜସ୍ୱ କାର୍ଯ୍ୟାଳୟ।

### ଶୀଘ୍ର ଜମି ଯୋଗାଇ ଦିଆଯାଉ



"ବଇଣ୍ଡା ଅଞ୍ଚଳରେ ଥିବା ସରକାରୀ ଜମିର ଏକ ବୃହତ୍ ଭାଗ ଜବରଦଖଲରେ ରହିଛି। ତେଣୁ ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ମିଳୁନାହିଁ। ତହସିଲ କାର୍ଯ୍ୟାଳୟ ଶୀଘ୍ର ଜମି ଯୋଗାଇ ଦେଲେ ସମସ୍ୟାର ସମାଧାନ ହୋଇପାରିବ।

-ଭଗବାନ ଘିୱାଲା, ବଇଣ୍ଡା

### ଲୋକେ ଅସୁବିଧା ଭୋଗୁଛନ୍ତି



"ବଇଣ୍ଡା ଅଞ୍ଚଳରେ ଭଙ୍ଗାଯାଇଥିବା ସରକାରୀ କାର୍ଯ୍ୟାଳୟ କୋଠାଗୁଡିକ ପୁନଃ ନିର୍ମାଣ ହେଉ ନ ଥିବା ଯୋଗୁ ଦୀର୍ଘବର୍ଷ ହେଲା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ପକ୍ଷରୁ ପ୍ରଶାସନକୁ ଅବଗତ କରାଯିବ।

-ଦୀପ୍ତିମୟୀ ସାହୁ, ନୁନୁକାପଶି ସରପଞ୍ଚ

### ଶିକ୍ଷାଦାନରେ ସମସ୍ୟା ହେଉଛି



"ରାଜପଥ ପାର୍ଶ୍ୱରେ ଥିବା ସ୍କୁଲଗୁଡ଼ିକ ଉଚ୍ଛେଦ ହୋଇଥିବା ବେଳେ ନୂଆ ଘର ନିର୍ମାଣ ହେଉନାହିଁ। ଫଳରେ ବିପଦସଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ରମାନେ ପାଠ ପଢିବାକୁ ବାଧ ହେଉଛନ୍ତି। ଠିକାସଂସ୍ଥା କୌଣସି ପଦକ୍ଷେପ ନେଉନାହିଁ।

-ରାଜେନ୍ଦ୍ର ସାହୁ, ବଇଣ୍ଡା

### ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି



"ଭଙ୍ଗାଯାଇଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକ ନୂତନ ସ୍ଥାନରେ କିପରି ଶୀଘ୍ର ନିର୍ମାଣ ହେବ ସେ ନେଇ ପଦକ୍ଷେପ ନିଆଯାଉଛି। କିଛି ସରକାରୀ ଜମିକୁ ଜବରଦଖଲ କରାଯାଇଥିବା ଓ କୋର୍ଟରେ ମାମଲା ଥିବାରୁ କାର୍ଯ୍ୟାଳୟ ନିର୍ମାଣରେ ବିଳମ୍ବ ହେଉଛି।

-ଶାନ୍ତି ସ୍ୱରୂପ ମିଶ୍ର, ତହସିଲଦାର, କିଶୋରନଗର

## ସିଆଇଏସ୍‌ଏଫ୍ ପକ୍ଷରୁ ରକ୍ତଦାନ

ଅନୁଗୋଳ ଅଫିସ,୧୯।୪

ନାଲ୍‌କୋଠାରେ ଥିବା ସିଆଇଏସ୍‌ଏଫ୍ ୟୁନିଟ୍ ପକ୍ଷରୁ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏକ ଭାରତ ଶ୍ରେଷ୍ଠ ଭାରତ ଅଭିଯାନ ଅନ୍ତର୍ଗତ ଏହି ଶିବିରକୁ ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ଏଚ୍.କେ. ବ୍ରହ୍ମା ଉଦ୍‌ଘାଟନ କରିଥିଲେ। ଉପ କମାଣ୍ଡାଣ୍ଟ ବି.କେ. ତିୱାରୀ, ସହାୟକ କମାଣ୍ଡାଣ୍ଟ ଜେ.ଏସ୍. ଜଙ୍ଗପଙ୍ଗୀ, ଉପେନ୍ଦ୍ର କୁମାର ଏବଂ ଆର୍.କେ. ଶାସନୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସିଆଇଏସ୍‌ଏଫ୍‌ର ଅନ୍ୟ ୟୁନିଟ୍‌ର ଅନେକ ଯବାନ ଏହି ଶିବିରରେ ରକ୍ତଦାନ କରିଥିଲେ। ନାଲ୍‌କୋ ହସ୍ପିଟାଲର ଡାକ୍ତର ଚିନ୍ମୟ ବାରିକ ଉପସ୍ଥିତ ଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ଜମି ଚିହ୍ନଟ ନେଇ ତ୍ରିପାକ୍ଷିକ ବୈଠକ

ଅନୁଗୋଳ ଅଫିସ,୧୯।୪

ନାଲ୍‌କୋ କମ୍ପାନୀର ଉତ୍କଳ 'ଡି' ଓ 'ଇ' କୋଇଲା ଖଣି ନିମନ୍ତେ କେରେଜାଙ୍ଗ ଗ୍ରାମରେ ରେଲୱେ ସାଇଡିଙ୍ଗର ଜମି ଚିହ୍ନଟ ପ୍ରକ୍ରିୟା ପାଇଁ ନିକଟସ୍ଥ ଗ୍ରାମ ଯଥା ସାନକେରେଜାଙ୍ଗ ଓ ଗୋଳାବନ୍ଧ ଗ୍ରାମବାସୀଙ୍କ ସହିତ ଏକ ବୈଠକ ମଙ୍ଗଳବାର ଅତିରିକ୍ତ ଉପଜିଲାପାଳ ବଇତୁରା ଦୀପ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଦାବି ଅନୁଯାୟୀ ଅତିରିକ୍ତ କ୍ଷତିପୂରଣ ଅର୍ଥ ରାଶି ବର୍ଦ୍ଧିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନାଲ୍‌କୋ ପୂର୍ବରୁ ଟେଣ୍ଡର ପାଇଥିବା କମ୍ପାନୀ କର୍ତ୍ତୃପକ୍ଷ ବର୍ଦ୍ଧିତ କରିବାକୁ ଥିବା ଅର୍ଥ ରାଶି ଉପରେ କ୍ଷତିପୂରଣ ଦିଆଯିବା ପାଇଁ ଖୁବ୍‌ଶୀଘ୍ର ଏକ ବୈଠକ ହେବ। ଏହା ମଧ୍ୟରେ ଜମି ଚିହ୍ନଟ ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ଅତିରିକ୍ତ ଉପଜିଲାପାଳ ନିବେଦନ କରିଥିଲେ। ଗ୍ରାମବାସୀ ଏଥିରେ ସହମତି ପ୍ରଦାନ କରିଥିଲେ। ଆସନ୍ତା ୨୦ ତାରିଖରେ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ସାନକେରେଜାଙ୍ଗ ଓ ମକୁନ୍ଦପୁର, ୨୧ ତାରିଖରେ ଗୋଳାବନ୍ଧ, ୨୨ ତାରିଖରେ ମକୁନ୍ଦପୁରରେ ଜମି ଚିହ୍ନଟ କରାଯିବ। ୨୩ ତାରିଖରେ ନାଲ୍‌କୋ କର୍ତ୍ତୃପକ୍ଷ ହାଲ ସାବିକ ମେଳ ନିମନ୍ତେ ଆବେଦନ କରିବେ। ୨୭ ତାରିଖ ସୁଦ୍ଧା ପିଏଲ୍‌ଆଇଆର୍‌ଆର୍‌ସି ବୈଠକ କରାଯିବ। ଏହି ବୈଠକରେ ଭୂ-ଅର୍ଜନ ଅଧିକାରୀ(ସାଧାରଣ) ଇଶାନି ପଣ୍ଡା, ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ଓ କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ।

## ଆନ୍ଦୋଳନ, ଯାତାୟାତ ଠପ୍

ମାଧପୁର,୧୯।୪

ଆଠମଲ୍ଲିକ ବ୍ଲକ ମାଧପୁର ବଜାରରେ ମଙ୍ଗଳବାର ଡ୍ରାଇଭର ମହାସଂଘ ତରଫରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଥିଲା। ସୋମବାର ସଂଘ ତରଫରୁ ବିଭିନ୍ନ ସମସ୍ୟା ନେଇ ରାଜ୍ୟର ସମସ୍ତ ଡ୍ରାଇଭର ଭୁବନେଶ୍ୱରଠାରେ ଆନ୍ଦୋଳନ କରିଥିଲେ। ଏଥିରେ କୌଣସି ସୁଫଳ ନ ମିଳିବାରୁ ମଙ୍ଗଳବାର ସେମାନେ ନିଜ ନିଜ ଅଞ୍ଚଳରେ ଆନ୍ଦୋଳନ କରିଥିବା ଜଣାପଡ଼ିଛି। ଏହି ଆନ୍ଦୋଳନ ଯୋଗୁ ଅନୁଗୋଳ, କଟକ, ସମ୍ବଲପୁର, ବୌଦ୍ଧ, ଫୁଲବାଣୀ ଆଦି ସ୍ଥାନକୁ ଯାତାୟାତ କରୁଥିବା ଯାତ୍ରୀବାହୀ ବସ୍, ମାଲବାହୀ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଯାତ୍ରୀମାନେ ହାଇରଣ ହେବା ସହିତ ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି।



ଡ୍ରାଇଭର ସଂଘର ସଦସ୍ୟମାନେ ଆନ୍ଦୋଳନ କରୁଛନ୍ତି।

## ଆରମ୍ଭ ହେଲା କେନ୍ଦୁପତ୍ର ଅମଳ

କଣିହାଁ,୧୯।୪(ଡି.ଏନ.ଏ.)

କଣିହାଁ ବ୍ଲକ ଅଞ୍ଚଳରେ ସୋମବାର କେନ୍ଦୁପତ୍ର ଉତ୍ପାଦନକୁ ନେଇ ତୋଳା କାର୍ଯ୍ୟ ଆରମ୍ଭ ହୋଇଛି। ରାଜ୍ୟ ସରକାର ମଙ୍ଗଳବାର କେନ୍ଦୁପତ୍ର ତୋଳାଳିମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୧୨୦ କୋଟି ଟଙ୍କାର ଅର୍ଥ ପ୍ରଦାନକୁ ନେଇ ତୋଳାଳି ଓ ଶ୍ରମିକମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଏ ବର୍ଷର ପ୍ରଥମ କେନ୍ଦୁପତ୍ର ଅମଳ ପାଇଁ ଫେବୃୟାରୀରେ ଗୋଛା କଟେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ କଅଁଳିଥିବା ପତ୍ରକୁ କଣିହାଁ ଅଞ୍ଚଳରେ ତୋଳାଯାଇ ଫଡିରେ ତୋଳାଳି, ଶ୍ରମିକ ବିକ୍ରିକରିଛନ୍ତି। ୫ଟି ଫଡିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ପତ୍ର କିଣାଯାଇଥିବାବେଳେ ଆଗାମୀଦିନରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପତ୍ର ଆମଦାନୀ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ସରକାର କେନ୍ଦୁପତ୍ର ଶ୍ରମିକ, ବନ୍ଧୋଇ ତୋଳାଳି ଏବଂ ସିଜିନାଲ କର୍ମଚାରୀଙ୍କ ପାଇଁ ବୋନସ ବ୍ୟବସ୍ଥା ସହିତ ପ୍ରୋତ୍ସାହିତ ରାଶି ମଙ୍ଗଳବାର ଘୋଷଣା କରିଥିବାରୁ ଶ୍ରମିକଙ୍କ ମହଲରେ ଉତ୍ସାହ ବୃଦ୍ଧି ପାଇଛି।



## 'କଳାକାର ସମାଜର କର୍ଣ୍ଣଧାର'

ଭୁବନ, ୧୯।୪(ଡି.ଏନ୍.ଏ.)

### ମୀରାବାଈ କଳାବିକାଶ କେନ୍ଦ୍ରର ୮ମ ବାର୍ଷିକ ଉତ୍ସବ

ଢେଙ୍କାନାଳ ଜିଲା ଭୁବନସ୍ଥିତ ମୀରାବାଈ କଳାବିକାଶ କେନ୍ଦ୍ରର ୮ମ ବାର୍ଷିକ ଉତ୍ସବ ସମାରୋହ ସୋମବାରଠାରୁ ଆରମ୍ଭ ହୋଇଛି। ୩ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଞ୍ଚଳର ସଂସ୍କୃତିକୁ ସମୃଦ୍ଧ କରିବାରେ କଳାକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ସାମାଜିକ ବ୍ୟବସ୍ଥାର କର୍ଣ୍ଣଧାର। ଶ୍ରେଷ୍ଠ ପ୍ରତିଭା ପ୍ରଦର୍ଶନ କରି ଅଞ୍ଚଳର ଗୌରବ ବଢ଼ାଇବାକୁ ଏମ୍‌ପି କଳାକାରଙ୍କୁ ଆହ୍ୱାନ ଦେଇଛନ୍ତି।

ଅନୁଷ୍ଠାନର ସମ୍ପାଦକ ଭଗବାନ ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟବକ୍ତା ଭାବେ ପୁରୀ ଗୋବର୍ଦ୍ଧନ ପୀଠ ସଚିବ ମାତୃପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ ସାହୁ, ମହିଳା କଲେଜ ଅଧ୍ୟକ୍ଷ ଦିଲୀପ ଦାସ, ଅନୁଷ୍ଠାନର ଉପଦେଷ୍ଟା ଦେବବ୍ରତ ପୃଷ୍ଟି, ବରିଷ୍ଠ ପାଲା ଗାୟକ ସୁରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଜନମାନସରେ ପରିଚିତ କରାଇବା ଲାଗି ମୀରାବାଈ କଳାବିକାଶ କେନ୍ଦ୍ର ଅହରହ ଉଦ୍ୟମ କରିଆସୁଛି। ଅନୁଷ୍ଠାନର ଏଭଳି ଉଦ୍ୟମକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।

ଏହି ଅବସରରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ମଙ୍ଗଳବାର ୨ୟ ସନ୍ଧ୍ୟାରେ ନୃତ୍ୟଗୁରୁ ରମାକାନ୍ତ ସାହୁ ଏବଂ ମମତା ପୋଥାଳଙ୍କ ଓଡ଼ିଶୀ ଯୁଗଳବନ୍ଦୀ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଭୁବନ ଅଞ୍ଚଳର ଶତାଧିକ କଳାପ୍ରେମୀ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପି ମହେଶ ସାହୁ, ନଗରପାଳ ଶୁଭେନ୍ଦୁ ସାହୁଙ୍କ ସମେତ ଅନ୍ୟମାନେ।

## ମନମୋହିଲା ଶିବ ତାଣ୍ଡବ, ଗଣେଶ ବନ୍ଦନା

### ହିଙ୍ଗୁଳା ଲୋକ ମହୋତ୍ସବ

ତାଳଚେର,୧୯।୪(ନି.ପ୍ର.)

ଅନୁଗୋଳ ଜିଲା ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଅବସରରେ ଚାଲିଥିବା ୧୮ତମ ଲୋକ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ପ୍ରବଳ ଜନସମାଗମ ହେଉଛି। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା କଳାକାରମାନଙ୍କ ପାରମ୍ପରିକ ନୃତ୍ୟ ଦର୍ଶକମାନଙ୍କୁ ଘଣ୍ଟା ଘଣ୍ଟା ଧରି ବାନ୍ଧି ରଖୁଛି। ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଉତ୍ତର କେନ୍ଦ୍ରାଞ୍ଚଳ ପୋଲିସ ଡିଆଇଜି ଡ.ସାର୍ଥକ ଷଡଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଳଚେର ଉପଜିଲାପାଳ ତଥା ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ତାଳଚେର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର ଯୋଗ ଦେଇଥିଲେ। ଦୀର୍ଘ ୨ ବର୍ଷ ପରେ ମା'ଙ୍କ ପ୍ରସିଦ୍ଧ ଯାତ୍ରା ସହ ଲୋକ ମହୋତ୍ସବ ଆୟୋଜନ ନେଇ ମୁଖ୍ୟ ଅତିଥି ଟ୍ରଷ୍ଟ ବୋର୍ଡକୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କଳିଙ୍ଗ କଲୋନୀସ୍ଥିତ ଉତ୍କଳିକା ଡ୍ୟାନ୍ସ ଗ୍ରୁପ୍‌ର କୁନିକୁନି କଳାକାରମାନେ ଗଣେଶ ବନ୍ଦନା, ଶିବ ତାଣ୍ଡବ ପରିବେଷଣ କରି ଦର୍ଶକମାନଙ୍କୁ ଚମତ୍କୃତ କରିଦେଇଥିଲେ। ସେହିପରି କେନ୍ଦ୍ରାପଡ଼ାର ଗଡମେକର ନାଟ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଦଶାବତାର, କୃଷ୍ଣ ଲୀଳା ଆଦି ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ତାଳଚେର ଗୋଡିବନ୍ଧର ଡ୍ୟାନ୍ସ ଏକାଡେମୀ କଳାକାରମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଏହାସହିତ ବଲାଙ୍ଗୀରର କୋଶଳ ଲୋକନୃତ୍ୟ ଦଳ ଧୁଡୁକି ନୃତ୍ୟ, ଗଞ୍ଜାମର ଯୋଡିଶଙ୍ଖ ଦଳ ଡାଲଖାଇ, ଯୋଡିଶଙ୍ଖ, ରଣପା ଆଦି ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ଲକ୍ଷ୍ମୀପ୍ରିୟା ସେନାପତି ପରିଚାଳନା କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁରଲୀଧର ସାହୁ, ରାଜେନ୍ଦ୍ର ସିଂହ, ସଞ୍ଜୟ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ, ଗଗନ ବିହାରୀ ସାହୁଙ୍କ ସମେତ ଧୁଳେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ କଳାକାରଙ୍କୁ ଟ୍ରଷ୍ଟବୋର୍ଡ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଗଞ୍ଜାମ କଳାକାରଙ୍କ ଦ୍ୱାରା ପରିବେଷିତ ଯୋଡ଼ି ଶଙ୍ଖ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

